ସିଂହଳରେ ପଣ୍ଡିତ ନେହେରୁଙ୍କୁ ବିପୁଳ ସମ୍ବର୍ଦ୍ଧନା । ଆଜି ଅପରାହ୍ଣରେ ସେ ତାଙ୍କର କନ୍ୟା ଶ୍ରୀମତୀ ଇନ୍ଦିରା ଗାନ୍ଧି ଓ ରାଜ୍ୟ ଗୋଷ୍ଠୀ ବିଭାଗ ସେକ୍ରେଟେରୀ ଶ୍ରୀଯୁକ୍ତ ଦେଶାଇଙ୍କ ସହ ସିଂହଳରେ ପଦାର୍ପଣ କଲେ ।

ଘରୋଇ ମନ୍ତ୍ରୀ ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ଥ ପଞ୍ଚବାର୍ଷିକ ଯୋଜନା ପ୍ରଚାର ସପ୍ତାହ ଉଦ୍‌ଘାଟନ କରି କହିଲେ, ଖାଦ୍ୟବସ୍ତ୍ର ସମସ୍ୟା ଦୂର ନ ହେଲେ ସ୍ୱାଧୀନତାର ଆନନ୍ଦ ଉପଲବ୍ଧି କରି ହେବ ନାହିଁ ।

ବମ୍ବେ "ସୁନ୍ଦରୀ ପ୍ରତିଯୋଗୀତାରେ" ଗୀତା ମହାପାତ୍ର ମିସ୍ ଇଣ୍ଡିଆ ନିର୍ବାଚିତ ହୋଇଛନ୍ତି ।

ଲୋକସଭାର ଡେପୁଟି ସ୍ପିକର ସର୍ଦ୍ଦାର ହୁକୁମ ସିଂହ ନିର୍ଦ୍ୱନ୍ଦରେ ନିର୍ବାଚିତ ହେଲେ ।

ଏହାପରେ ଶୁଣନ୍ତୁ ବିସ୍ତାରିତ ଖବର ।

ରେଷ୍ଟୁରେଣ୍ଟରେ ଗୋଟାଏ ଆଲୋଡ଼ନ ସୃଷ୍ଟି ହୋଇଥିଲା । ଗୀତା ମହାପାତ୍ର ମିସ୍ ଇଣ୍ଡିଆ ରୂପେ ନିର୍ବାଚିତ ହୋଇଚନ୍ତି । ତାଙ୍କ ସମ୍ବନ୍ଧରେ ସବିଶେଷ ବିବରଣୀ ଜାଣିବା ପାଇଁ ସମସ୍ତେ ଉତ୍‌କଣ୍ଠିତ ହୋଇ ରେଡ଼ିଓ କୁ ଚାହିଁ ରହିଲେ ।

କେତେ ?

ଛ'ଣା ।

ସାହାଣୀବାବୁ ଗୋଟିଏ ଟଙ୍କାକିଆ ନୋଟ୍ ଦେଲେ । ସିଗାରେଟରେ ଅଗ୍ନି ସଂଯୋଗ କରି ଟାଣିବାକୁ ଲାଗିଲେ । ରେଡ଼ିଓ ଚାଲିଥିଲା, ...ପ୍ରଧାନ ମନ୍ତ୍ରୀ ପଣ୍ଡିତ ନେହେରୁ ଆଜି ସକାଳେ ବିମାନ ଯୋଗେ ସିଂହଳ ଯାତ୍ରା କରିଛନ୍ତି । ସେ ସେଠାରେ ତିନି ଦିନ ଉକ୍ତ ବୌଦ୍ଧ ଜୟନ୍ତୀ ଉଦ୍‌ଯାପନ ଉତ୍ସବରେ ଅଂଶ

ଉତ୍କଟ ବିଷ ପ୍ରୟୋଗ କରି ହୋଇ ତାଙ୍କୁ ହତ୍ୟା କରା ହୋଇଛି । ଆଉ କାମ ଏତେ ନିପୁଣ ଭାବରେ ସମାପନ ହୋଇଛି ଯେ କେହି ତାର ଟେର ପାଇ ନାହାନ୍ତି । କିନ୍ତୁ କାହିଁକି ? କି ଉଦ୍ଦେଶ୍ୟରେ କିଏ ତାଙ୍କୁ ହତ୍ୟା କରିଛି ? ଆଉ ଠିକ୍ ସମାନ ଭାବରେ, ସମାନ ବିଷ ପ୍ରୟୋଗ କରି ହୋଇ ହତ୍ୟା କରି ହୋଇଛି ଲୀଲା ମଜୁମଦାରଙ୍କୁ । ବମ୍ବେ, ଆଉ କଲିକତା : ଏତେ ଦୂରତା ଭିତରେ ଚମତ୍କାର ସାମଞ୍ଜସ୍ୟ ।

ଛନ୍ଦା ପ୍ରକୃତରେ ଭାଙ୍ଗି ପଡ଼ିଛି । ସେ ହୁଏତ ମିଛ କହିନି । ସେଦିନର ସେ ଚିଠିଟା ମିଥ୍ୟା ହୋଇପାରେ । 'ମୀତା' ଜନ୍ମଦିନକୁ ସେ ପ୍ରକୃତରେ ଅଭିରାମ ବାବୁଙ୍କ ଘରକୁ ଯାଇଥିଲା, ଫେରିଛି ବହୁତ ରାତିରେ । ମୀତା ଠିକ୍ ସମୟଟା କହି ପାରିଲା ନାହିଁ । କିନ୍ତୁ ସେ ଚିଠିଟା ? ଛନ୍ଦାର ପ୍ରିୟତମ, ତା' ହେଲେ ମିଥ୍ୟା । ଚିଠିଟା କିଏ ଫୋପାଡ଼ିଲା କେଜାଣି ! ଆଉ କିଏ ? ଶ୍ରୀପତି ବାବୁଙ୍କ ପାର୍ଟନର ସମ୍ବନ୍ଧରେ ଛନ୍ଦାକୁ କିଛି ଜଣାନାହିଁ । ସେଦିନ ବମ୍ବେରୁ ଫେରି ଶ୍ରୀପତିବାବୁ ଯାହା କଥା କହି ଦୁଃଖ ପ୍ରକାଶ କରୁଥିଲେ କିଏସେ ସେ ?

ଲୀଲା ମଜୁମଦାରର ବାପା କହିଲେ — ଲୀଲା ମରିଚି, ସେଥିପାଇଁ ସେ ଦୁଃଖିତ ନୁହନ୍ତି । କାରଣ ତା' ଭଳି ସନ୍ତାନ କୁଳର କଳଙ୍କ । ପ୍ରାୟ ଛ ମାସ ହେବ ଘର ସହିତ ଲୀଲାର ବିଶେଷ କୌଣସି ସମ୍ପର୍କ ନଥିଲା । ତା' ଛଡ଼ା ସେ ବିଶ୍ୱାସ କରିପାରୁ ନାହାନ୍ତି ଲୀଲାକୁ କେହି ହତ୍ୟା କରିଛି ବୋଲି । ତାଙ୍କର ଦୃଢ଼ ବିଶ୍ୱାସ ଲୀଲା ଆତ୍ମହତ୍ୟା କରିଛି । କିନ୍ତୁ ବିଶ୍ୱାସର ହେତୁ କ'ଣ ହୋଇପାରେ ଲୀଲାର ବାପା ରାୟବାହାଦୁର ରାସବିହାରୀ ମଜୁମଦାର କହିଲେ ନାହିଁ । ଯେତେ ଯାହା ପଚାରିଲେ ବି ସେ କହିଲେ — ତମା

ସାହାଣୀବାବୁ ଚା' ଟେବୁଲରେ ଖବର କାଗଜରେ ଏହି ସମ୍ବାଦଟି ଉପରେ ଆଖି ବୁଲେଇ ନେଇ ସ୍ତବ୍ଧ ହୋଇଗଲେ । ଆଖିକୁ ବିଶ୍ୱାସ କରି ପାରିଲେ ନାହିଁ । ସବୁ ଯେମିତି ଯାଦୁବିଦ୍ୟା ପରି ମନେହେଲା । କାଲି ରାତିର ଘଟଣା, ଆଜି କେଉଁଠି ତା'ର ଖିଅ ଖୋଜିବେ ? ନା' ଆହୁରି ଜଟିଳ ହୋଇ ଉଠିଲା । ତା'ହେଲେ କାଲି ସେ ଅଧା ଅନ୍ଧାର ଅଧା ଆଲୁଅ ଭିତରେ ତାଲୁକଦାରଙ୍କ ଘରେ ଯେଉଁ କଳା ଲୁଗା ମୂର୍ତ୍ତିଟିକୁ ଭେଟିଥିଲେ, ଯାହାକୁ ଅନୁମାନ କରୁଥିଲେ ଗୀତା ମହାପାତ୍ର ହୋଇଥିବ ଅବା ! ସେ ତା'ହେଲେ ଅନ୍ୟ ଜଣେ ?

ଧେତ୍ ! ଯେତେସବୁ ଗୋଳମାଳିଆ ସମସ୍ୟା । ଘଟଣା-ଗୁଡ଼ାକ ଏପରି କ୍ଷିପ୍ର ଆଉ ଆକସ୍ମିକ ଭାବରେ ଘଟୁଛି ଯେ, କାହାରି ସହିତ କାହାରି ଯୋଗସୂତ୍ର ସ୍ଥାପନ କରିବା ପାଇଁ ମଝିରେ କୌଣସି ବାଟ ରହୁ ନାହିଁ ।

ଚାକର ଖଣ୍ଡିଏ ଭିଜିଟିଂ କାର୍ଡ଼ ଆଣି ଯଦୁବାବୁଙ୍କ ହାତକୁ ବଢ଼ାଇ ଦେଲା ।

ରାୟବାହାଦୁର ରାସବିହାରୀ ମଜୁମଦାର ।

ଯଦୁବାବୁ କିଛି ଭାବି ପାରିଲେ ନାହିଁ । ହଠାତ୍ ରାୟ-ବାହାଦୁରଙ୍କ ଆକସ୍ମିକ ଆବିର୍ଭାବ କାହିଁକି ? ନିଜେ ସେ ଉଠିଯାଇ ସସମ୍ମାନେ ପାଛୋଟି ଆଣିଲେ ।

ମୁଁ ଆଶା କରି ନଥିଲି ।

ସେଦିନ ଆପଣ ଗଲା କଥା ମୋତେ ପଚାରି ଫେରି ଆସିଲେ । ମନଟା ମୋଟେ ଭଲ ନଥିଲା । ଯେତେହେଲେ ସେ ମୋର ରକ୍ତ ତ । ଅବଶ୍ୟ ଅମାନିଆ ହୋଇ ସେ ବଉଠି କମିଟିସବରେ ଯୋଗ ଦେବାକୁ ଲାଗି ଯାଇଥିଲା । ରାୟବାହାଦୁର ବଂଶର କଳଙ୍କ ।

